# ତହସିଲଦାରଙ୍କ କାର୍ଯ୍ୟାଳୟ, ଶେରଗଡ (ଗଞ୍ଜାମ)

**(Alienation) Case No. 04/2024**

ପତ୍ର ସଂଖ୍ୟା _୪୯୧୮/Aln. ତା-୧୮/୧୨/୨୦୨୫

**ସର୍ବସାଧାରଣ ବିଜ୍ଞପ୍ତି**

ଏତଦ୍ୱାରା ତାକରଡା ଗ୍ରାମର ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ, ତାକରଡା ଗ୍ରାମର ନିମ୍ନ ତଫସିଲ ଭୁକ୍ତ ସରକାରୀ ଜମିରେ **ତାକରଡା ସେବା ସମବାୟ ସମିତି ଲି. ର କାର୍ଯ୍ୟାଳୟ ଓ ଗୋଦାମ ଗୃହ ନିର୍ମାଣ ନିମନ୍ତେ ଓଡିଶା ସରକାରଙ୍କ ସମବାୟ ବିଭାଗ ସପକ୍ଷରେ ବନ୍ଦୋବସ୍ତ ନିମନ୍ତେ ପ୍ରସ୍ତାବ ରହିଅଛି** । ମାନ୍ୟବର ଜିଲ୍ଲାପାଳ,ଗଞ୍ଜାମ ଙ୍କ ଆଦେଶ ମୁତାବକ ଉକ୍ତ ତଫସିଲ ଭୁକ୍ତ ସରକାରୀ ଜମିର **ଖାତା ଆବାଦଯୋଗ୍ୟ ଅନାବାଦୀ ଓ କିସମ ପତିତ ଅଟେ** । ଏଣୁ, ଉକ୍ତ ତଫସିଲ ଭୁକ୍ତ ସରକାରୀ ଜମି **ଓଡିଶା ସରକାରଙ୍କ ସମବାୟ ବିଭାଗ ସପକ୍ଷରେ ବନ୍ଦୋବସ୍ତ ହେବା ପୂର୍ବରୁ ଏହାର ଖାତା ଓ କିସମ ପରିବର୍ତନ ହେବାର ଆବଶ୍ୟକତା ରହିଅଛି** ।

ଏଣୁ, ନିମ୍ନ ତଫସିଲ ଭୁକ୍ତ ସରକାରୀ ଜମି **ଓଡିଶା ସରକାରଙ୍କ ସମବାୟ ବିଭାଗ ସପକ୍ଷରେ ବନ୍ଦୋବସ୍ତ ହେବା** ପ୍ରସ୍ତାବରେ ଯଦି କାହାର କୌଣସି ଆପତ୍ତି ଓ ଅଭିଯୋଗ ଥାଏ, ତେବେ ଏହି ବିଜ୍ଞାପନ ଜାରି ହେବାର ୧୫ (ପନ୍ଦର) ଦିନ ଅର୍ଥାତ ତା-୦୧/୦୧/୨୦୨୬ ମଧ୍ୟରେ ଲିଖିତ ଆକାରରେ ଅଦାଲତ ଫି ଟ. ୨୦.୦୦ (କୋଡିଏ) ମୁଦ୍ରା ସହ ନିମ୍ନସ୍ୱାକ୍ଷରକାରୀଙ୍କ ଅଦାଲତରେ ଦାଖଲ କରିବେ । ନିର୍ଦ୍ଧାରିତ ସମୟ ଗତେ କୌଣସି ଆପତ୍ତି ଓ ଅଭିଯୋଗ ଗ୍ରହଣ କରାଯିବ ନାହିଁ ଏବଂ ଆଇନାନୁଯାୟୀ କାର୍ଯ୍ୟ ସମ୍ପାଦନ କରାଯିବ ।

**ତଫସିଲ ଭୁକ୍ତ ଜମିର ବିବରଣୀ**

| ମୌଜା | ଖାତା ନମ୍ବର | ପ୍ଲଟ ନମ୍ବର | ପୁରା ରକବା (ଏ. ସି) | ଆବଶ୍ୟକ ରକବା(ଏ. ସି) | କିସମ |
|---|---|---|---|---|---|
| ତାକରଡା | ୭୪୭(ଆ.ଯୋ.ଅ) | ୨୩୫୫ | ୦.୦୨୦ | ୦.୦୨୦ | ପତିତ |
| | | ୨୩୫୬ | ୦.୦୬୦ | ୦.୦୬୦ | ପତିତ |
| | | ୨୩୫୪/୩୯୧୨ | ୦.୧୨୦ | ୦.୧୨୦ | ପତିତ |
| | | ୨୩୫୭/୩୯୧୪ | ୦.୦୩୮ | ୦.୦୩୮ | ପତିତ |
| | | ୨୩୫୮/୩୯୧୫ | ୦.୦୪୫ | ୦.୦୪୫ | ପତିତ |
| ମୋଟ : | | | ୦.୨୮୩ | ୦.୨୮୩ | ପତିତ |

ତହସିଲଦାର, ଶେରଗଡ

ପରିପତ୍ର ସଂଖ୍ୟା- ୪୯୧୯ /୨୦୨୫ ତା-୧୮/୧୨/୨୦୨୫

ଏଥିର ଏକକିତା ନକଲ District Informatics Officer, Ganjam, Chatrapur ଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ଏବଂ ଅନୁରୋଧ କରାଗଲା କି, ଏହା ସର୍ବସାଧାରଣଙ୍କ ଅବଗତି ଓ ବିହିତ ପ୍ରଚାର ନିମନ୍ତେ ଏହି ବିଜ୍ଞାପନ ଜାରି ହେବା ଦିନ ଠାରୁ ୧୫ (ପନ୍ଦର) ଦିନ ପର୍ଯ୍ୟନ୍ତ http://ganjam.nic.in ଉପଲବ୍ଧ କରାଇବା ହେବେ ।

ତହସିଲଦାର, ଶେରଗଡ

ପରିପତ୍ର ସଂଖ୍ୟା- ୪୯୨୦/୨୦୨୫ ତା-୧୮/୧୨/୨୦୨୫

ଏଥିର ଏକକିତା ନକଲ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ରାଜସ୍ୱ ନିରୀକ୍ଷକ, ଧବଳପୁରଙ୍କ କର୍ଯ୍ୟାଳୟର ବିଜ୍ଞାପନ ଫଳକ ପ୍ରଚାର ପାଇଂ ନାଜିରଙ୍କ ନିକଟକୁ ପଠାଗଲା ଏବଂ ଆଇନାନୁଯାୟୀ ଜାରି କରି ଏଥିର ନକଲ ଫେରସ୍ତ ନିମନ୍ତେ ନିର୍ଦ୍ଦେଶ ଦିଆଗଲା ।

ଏଥିର ଏକକିତା ନକଲ ସରପଞ୍ଚ, ତାକରଡା ଗ୍ରା. ପଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା

ତହସିଲଦାର, ଶେରଗଡ